## ନିଶା ଦେଇ ଯୁବକଙ୍କୁ ଲୁଟ୍

**ଅନୁଗୋଳ ଅଫିସ:** ଅନୁଗୋଳ ହେମସୁରପଡ଼ାର ଜଣେ ଯୁବକଙ୍କୁ ନିଶା ଦେଇ ଲୁଟ୍ କରାଯାଇଛି। ସମ୍ପୃକ୍ତ ଯୁବକ କୌଣସି କାର୍ଯ୍ୟରେ କଟକ ଆସି ଘରକୁ ଫେରିବାକୁ ଓଏମ୍‌ପି ଛକରେ ଠିଆ ହୋଇଥିବା ବେଳେ ଏକ କାର୍‌ରେ ଆସିଥିବା ଅଜଣା ବ୍ୟକ୍ତିମାନେ ତାଙ୍କୁ ଲିଫ୍ଟ ଦେବାକୁ କହି ଡାକିନେବା ସହ ନିଶା ଦେଇ ମୋବାଇଲ ଫୋନ ଓ ୧୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଧବଳେଶ୍ୱର ନିକଟରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଟକ ମେଡିକାଲ ପଠାଇଥିବା ପରିବାର ଲୋକେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଗାଧୋଇବାକୁ ଯାଇ ଯୁବକ ନିଖୋଜ

ପବିତ୍ରନଗର,୧୨।୧(ଡି.ଏନ.ଏ.)- କଣିହାଁ ବ୍ଲକ ସମଲ ଥାନା କୁଲେଇ ହଟିଂର ପାଣ୍ଡବ ଗୋପ(୩୨) ବୁଧବାର ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ନଦୀ କୂଳରେ ତାଙ୍କ ପୋଷାକ ପଡ଼ିଥିବାରୁ ଏ ନେଇ ପାଣ୍ଡବଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ନଦୀରେ ବୁଡିଯାଇଥିବା ସନ୍ଦେହ କରି ଦମକଳ ବାହିନୀ ସହାୟତାରେ ଖୋଜାଖୋଜି କରିଥିଲେ। ରାତି ହୋଇଯିବାରୁ ଖୋଜିବା କାର୍ଯ୍ୟ ବନ୍ଦ ରହିଥିବା ଅନୁଗୋଳ ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ଭୁଜାଲି ଆକ୍ରମଣରେ ଗୁରୁତରଙ୍କ ମୃତ୍ୟୁ

ଅନୁଗୋଳ ଅଫିସ,୧୨।୧- ଅନୁଗୋଳ ସଦର ଥାନା ବେନ୍ତପୁର ଗାଁରେ ମଙ୍ଗଳବାର ରାତିରେ ଭୁଜାଲି ମାଡ଼ରେ ଗୁରୁତର ହୋଇଥିବା ଟିକନ ନାୟକ (୨୩)ଙ୍କ ମୃତ୍ୟୁ ହୋଇଯାଇଛି। ବିଳମ୍ବିତ ରାତିରେ ତାଙ୍କୁ ଆକ୍ରମଣ ହୋଇଥିବାବେଳେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ସ୍ଥାନାନ୍ତର କରାଯାଇଥିଲା। ହେଲେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ପୋଲିସ ଘଟଣାର ତଦନ୍ତ କରୁଛି। ଟିକନଙ୍କ ନାମରେ ଥାନାରେ ଏକାଧିକ ମାମଲା ଥିବା ସୂଚନା ମିଳିଛି।

### ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି

ପବିତ୍ରନଗର,୧୨।୧(ଡି.ଏନ.ଏ.)- ଅନୁଗୋଳ ଜିଲା କଣିହାଁ ବ୍ଲକ ପବିତ୍ରନଗରଠାରେ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ବୁଧବାର ପବିତ୍ରନଗର କଲେଜ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ ପାଲ, ଡିଗ୍ରୀ କଲେଜ ଅଧ୍ୟକ୍ଷ ବନୋଜ ପ୍ରଧାନ, ଯୁକ୍ତ ୨ କଲେଜ ଅଧ୍ୟକ୍ଷ ରମାକାନ୍ତ ସାହୁ, ବିଜେଡି ବ୍ଲକ ସଭାପତି କୈଳାସ ଚନ୍ଦ୍ର ସାହୁ, ମାନସ ପ୍ରଧାନ, ଲମ୍ବୋଦର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ସ୍ଥାନୀୟ ଶିକ୍ଷାବିତ୍, ବୁଦ୍ଧିଜୀବୀ ତଥା କମିଟି ସଦସ୍ୟ ଉପସ୍ଥିତ ଥିଲେ। ସରକାରଙ୍କ କୋଭିଡ୍ ମାର୍ଗଦର୍ଶିକା ଅନୁଯାୟୀ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା।

### ଡ. ଦୋଳଗୋବିନ୍ଦଙ୍କ ବିୟୋଗରେ ଶୋକ

ଅନୁଗୋଳ ଅଫିସ,୧୨।୧- ଅନୁଗୋଳ ଜିଲାର ସୁପୁତ୍ର ତଥା ବିଶିଷ୍ଟ ବୈଜ୍ଞାନିକ ଡ. ଦୋଳଗୋବିନ୍ଦ ପ୍ରଧାନ (୮୦)ଙ୍କ ବିୟୋଗରେ ଉତ୍କଳ ସମ୍ମିଳନୀ ଅନୁଗୋଳ ଜିଲା ଶାଖା ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି। ଅନୁଗୋଳ ସରକାରୀ କଲେଜର ଜଣେ ମେଧାବୀ ଛାତ୍ର ଥିବା ସ୍ୱର୍ଗତ ପ୍ରଧାନ ତାଳଚେର ଭାରିଜଳ ପ୍ରକଳ୍ପ ଏବଂ ମୁମ୍ବାଇସ୍ଥିତ ଭାବା ଆଟୋମିକ ରିସର୍ଚ୍ଚ ସେଣ୍ଟରରେ ବୈଜ୍ଞାନିକ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ନିଜ ଶେଷ ଜୀବନ ଜନ୍ମମାଟିରେ କାଟିବାକୁ ସେ ଅନୁଗୋଳ ନିକଟସ୍ଥ ଜରାସିଂହା ଗ୍ରାମରେ ଅବସ୍ଥାନ କରୁଥିଲେ। ଗତ ୬ ତାରିଖ ରାତି ୯ଟାରେ ଭୁବନେଶ୍ୱରଠାରେ ତାଙ୍କର ପରଲୋକ ଘଟିଥିଲା। ଖ୍ୟାତନାମା ବୈଜ୍ଞାନିକ ଡ. ବିକ୍ରମ ସରାଭାଇ ଏବଂ ଡ. ଏ.ପି.ଜେ. ଅବଦୁଲ କଲାମଙ୍କ ସେ ସହକର୍ମୀ ଥିଲେ। ତାଙ୍କ ବିୟୋଗରେ ଉତ୍କଳ ସମ୍ମିଳନୀ ଅନୁଗୋଳ -ସମ୍ବଲପୁର ଜିଲା ସଭାପତି ତଥା ଦୋଳବାବୁଙ୍କ ଅଧାପକ ପ୍ରଫେସର ମୀନକେତନ ପୁରୋହିତ, ଧନେଶ୍ୱର ସାହୁ, ପ୍ରାଧାପକ ବିଶ୍ୱରଞ୍ଜନ ପ୍ରଧାନ, ଶ୍ରୀକାନ୍ତ ସାହୁ, ସତ୍ୟବାଦୀ ସାହୁ, ସଚ୍ଚିକାନ୍ତ ଖୁଣ୍ଟିଆ, ସଚ୍ଚିଦାନନ୍ଦ ପାଢ଼ୀ, ନାରାୟଣ ଦାସ, ବିଜୟ କୁମାର ସାହୁ, ପ୍ରଫେସର ଦିବାକର ସ୍ୱାଇଁ, ଡ. କୁମୁଦ ଚନ୍ଦ୍ର ଦାଶ, ଡ. ଅକ୍ଷୟ କୁମାର ପଣ୍ଡା, ଭୁବନାନନ୍ଦ ପ୍ରଧାନ, ଡ. ମହେଶ୍ୱର ପ୍ରଧାନ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

### ୩ ଚୋରି ବାଇକ୍ ଜବତ

ଢେଙ୍କାନାଳ ଅଫିସ,୧୨।୧- ବାଇକ୍ ଚୋରି ଅଭିଯୋଗରେ ଢେଙ୍କାନାଳ ଟାଉନ ଥାନା ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ତଦନ୍ତ ଜାରି ରହିଥିବାରୁ ତାଙ୍କ ନାମକୁ ସାର୍ବଜନୀନ କରାଯାଇନାହିଁ। ତାଙ୍କ ନିକଟରୁ ୩ ଚୋରି ବାଇକ୍, ଏକ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ସୂଚନାଯୋଗ୍ୟ, ଗତ ଡିସେମ୍ବର ୧୮ରେ ଷ୍ଟେଶନ ବଜାର ନିକଟ ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରୁ ବାଇକ୍ ଚୋରି ହୋଇଥିବା ନେଇ ସଦର ଥାନା କୃଷ୍ଣକୁମାରପୁର ଅଞ୍ଚଳର କୁମତ ସାମଲ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ଏହି ଚୋରିରେ କଟକ ଜିଲା ଖୁଣ୍ଟୁଣି ଥାନା ଖଣ୍ଡବନ୍ଧ ଗ୍ରାମର ଜଣେ ବ୍ୟକ୍ତି ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଗତ ମଙ୍ଗଳବାର ତାଙ୍କ ନିକଟରୁ ଉକ୍ତ ଚୋରି ବାଇକ୍ ଜବତ କରାଯାଇଥିଲା। ଜବତ ହୋଇଥିବା ଅନ୍ୟ ୨ ବାଇକ୍‌କୁ ଅଭିଯୁକ୍ତ ତାଳଚେର ଏବଂ କଟକ ବାଦାମବାଡ଼ି ଅଞ୍ଚଳରୁ ଚୋରି କରିଥିବା ପୋଲିସ ସୂଚନା ଦେଇଛି।

# ବଢୁଛି ବିଜୟ ବିଶ୍ୱାସ

ପରିକ୍ଷିତ ସାହୁ
ବଇଣ୍ଡା,୧୨।୧

- ୨ ବ୍ଲକ ଅଧ୍ୟକ୍ଷ ପଦବୀ, ୭ ଜୋନ୍ ଉପରେ ଆଖି
- ଯୋଜନା ପ୍ରସ୍ତୁତିରେ ଲାଗିଛନ୍ତି ୩ ପ୍ରମୁଖ ଦଳ
- ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ ନିର୍ବାଚନୀ ଉଷ୍ମତା



ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ନେଇ ଉଷ୍ମ ହେଲାଣି ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ। ପୂର୍ବରୁ ଆସନ ସଂରକ୍ଷଣ ସରିଥିବା ବେଳେ ଇତିମଧ୍ୟରେ ପ୍ରାର୍ଥିପତ୍ର ଦାଖଲ ଓ ଭୋଟଗ୍ରହଣ ତାରିଖ ମଧ୍ୟ ଘୋଷଣା ସରିଛି। ତେଣୁ ଏହି ନିର୍ବାଚନମଣ୍ଡଳୀ ଅଧୀନ ୨ ବ୍ଲକ ଅଧ୍ୟକ୍ଷ ପଦବୀ, ୫୬ ପଞ୍ଚାୟତ ସହ ୭ଟି ଜିଲା ପରିଷଦ ଜୋନ୍ ଉପରେ ଏବେ ବିଜେଡି, ଭାଜପା ଓ କଂଗ୍ରେସର ଆଖି ଲାଗିଛି। ବିଜେଡି ବିକାଶକୁ ମୁଖ୍ୟ ଆୟୁଧ ଧରି ବିଜୟୀ ହେବାକୁ ବିଶ୍ୱାସ ରଖିଥିବାବେଳେ ଭାଜପା ଗତଥର ଅପେକ୍ଷା ଉନ୍ନତ ପ୍ରଦର୍ଶନ କରିବାକୁ ଆଶା ବାନ୍ଧିଛି। ସେହିପରି କଂଗ୍ରେସ ମଧ୍ୟ ଯୋଗ୍ୟ ପ୍ରାର୍ଥୀ ମାଧ୍ୟମରେ ଏହି ନିର୍ବାଚନମଣ୍ଡଳୀ କରାୟତ୍ତ କରିପାରିବ ବୋଲି ଭରସା କରିଛି।

ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ଆଠମଲ୍ଲିକ ବ୍ଲକର ୨୪ ପଞ୍ଚାୟତ ଓ ୩ ଜିଲା ପରିଷଦ ଜୋନ୍ ରହିଛି। ସେହିପରି କିଶୋରନଗର ବ୍ଲକର ୨୩ ପଞ୍ଚାୟତ ସହ ୩ ଜିଲା ପରିଷଦ ଜୋନ୍ ଏବଂ ଅନୁଗୋଳ ବ୍ଲକର ୯ଟି ପଞ୍ଚାୟତ ଓ ଗୋଟିଏ ଜିଲା ପରିଷଦ ଜୋନ୍ ଆସୁଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେଡି ଆଠମଲ୍ଲିକର ୩ ଓ ଅନୁଗୋଳର ଗୋଟିଏ ଜୋନ୍ ଅକ୍ତିଆର କରିଥିଲା। ଭାଜପା କିଶୋରନଗର ବ୍ଲକର ୩ଟି ଜୋନ୍‌ରେ ବିଜୟୀ ହୋଇଥିଲା। କଂଗ୍ରେସକୁ ସମ୍ପୂର୍ଣ୍ଣ ନିରାଶ ହେବାକୁ ପଡ଼ିଥିଲା। ତେବେ ଗତଥରର ଫଳାଫଳକୁ ଭୁଲି ଚଳିତ ନିର୍ବାଚନରେ କିପରି ବିଜୟୀ ହେବେ, ତାହା ଉପରେ ଏବେ ଏହି ୩ ପ୍ରମୁଖ ଦଳ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ଆଶାୟୀମାନେ ବିଭିନ୍ନ ପଞ୍ଚାୟତରେ ଘରକୁ ଘର ବୁଲିବା ଦେଖାଯାଉଛି। ସେହିପରି ବିଜେଡି, ଭାଜପା ଓ କଂଗ୍ରେସର ସ୍ଥାନୀୟ ନେତାମାନେ ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ ଡେରା ପକାଇଛନ୍ତି। ବିଶେଷକରି ବ୍ଲକ ଅଧ୍ୟକ୍ଷ ଓ ଜିଲା ପରିଷଦ ଜୋନ୍ ହାତେଇବା ପାଇଁ ସେମାନେ ଯୋଜନା ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଆଠମଲ୍ଲିକ ବ୍ଲକରେ ଫେବୃୟାରୀ ୨୦ରେ ଭୋଟଗ୍ରହଣ ହେବାକୁ ଥିବାବେଳେ କିଶୋରନଗର ବ୍ଲକରେ ଫେବୃୟାରୀ ୨୨ରେ ମତଦାନ ହେବ। ନିର୍ବାଚନମଣ୍ଡଳୀର ମୋଟ୍ ୨ ଲକ୍ଷ ୬ ହଜାର ୭୮୫ ଭୋଟର ସେମାନଙ୍କ ବହୁମୂଲ୍ୟ ମତ ସାବ୍ୟସ୍ତ କରିବେ।

### ସମସ୍ତ ଜୋନ୍ ହାତେଇବ ବିଜେଡି



"ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ସରକାର ଅମଳରେ ଯେତିକି ବିକାଶ ହୋଇଛି, ଅନ୍ୟ ସରକାର ଅମଳରେ ସେତିକି ହୋଇ ନ ଥିଲା। ତେଣୁ ଲୋକେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପସନ୍ଦ କରିବେ ଓ ଦଳ ୨ ବ୍ଲକ ସହ ସମସ୍ତ ଜୋନ୍ ହାତେଇବ।

-ରମେଶ ଚନ୍ଦ୍ର ସାଏ, ଆଠମଲ୍ଲିକ ବିଧାୟକ

### ଭଲ ପ୍ରଦର୍ଶନ କରିବ ଭାଜପା



"ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ସମସ୍ତ ଜିଲା ପରିଷଦ ଜୋନ୍‌ରେ ଭାଜପା ପ୍ରାର୍ଥୀମାନେ ଭଲ ପ୍ରଦର୍ଶନ କରି ବିଜୟୀ ହେବେ। ଭାଜପା ସମସ୍ତ ଜୋନ୍ ଓ ୨ ବ୍ଲକ ଅକ୍ତିଆର କରିବାରେ ସଫଳ ହେବ।

-ସଞ୍ଜୀବ କୁମାର ସାହୁ, ଭାଜପା ନେତା

### କଂଗ୍ରେସକୁ ଭୋଟର ଭରସା କରିବେ



"କଂଗ୍ରେସ ଏଥର ପଞ୍ଚାୟତ ନିର୍ବାଚନରେ ଉନ୍ନତ ପ୍ରଦର୍ଶନ କରିବ। ବିଶେଷକରି ଭଲ ଲୋକଙ୍କୁ ଦଳ ପ୍ରାର୍ଥୀ ଭାବେ ଉପସ୍ଥାପିତ କରିବ। ତେଣୁ ଅନ୍ୟ ଦୁଇ ଦଳ ଅପେକ୍ଷା କଂଗ୍ରେସ ଉପରେ ଭୋଟରମାନେ ଭରସା ରଖିବେ।

-ବିଜୟା ନନ୍ଦ ଚାଉଳିଆ, କଂଗ୍ରେସ ନେତା

# କ୍ଷତିଗ୍ରସ୍ତଙ୍କ ସ୍ଥିତି ସର୍ବେକ୍ଷଣ ପାଇଁ ବୈଠକ



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଛେଣ୍ଡିପଦା,୧୨।୧(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦାଠାରେ ଥିବା ବୈତରଣୀ ପଶ୍ଚିମ କୋଇଲା ଖଣି ଓ ରାଧିକାପୁର ପୂର୍ବ କୋଇଲା ଖଣି ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ତଥା ବାସଚ୍ୟୁତ ପରିବାରମାନଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତି ସର୍ବେକ୍ଷଣ ପାଇଁ ଏକ ବୈଠକ ଛେଣ୍ଡିପଦା ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ସହକାରୀ ଉପଜିଲାପାଳ ବାଇତୁରା ଦୀପଙ୍କ ଅଧ୍ୟକ୍ଷତାରେ ଦୁଇଟି ପର୍ଯ୍ୟାୟରେ ଏହି ବୈଠକ କରାଯାଇଥିଲା। ତେବେ ଉପସ୍ଥିତ କ୍ଷତିଗ୍ରସ୍ତମାନେ ଏହି ପ୍ରକଳ୍ପକୁ ବିରୋଧ କରିଥିଲେ। ପ୍ରଥମ ପର୍ଯ୍ୟାୟ ବୈଠକରେ ଅନୁଗୋଳ ଏଡିଏମ୍ ରଜନୀକାନ୍ତ ସ୍ୱାଇଁ, ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା, ଓଏମ୍‌ସି ରିଜିଓନାଲ ମ୍ୟାନେଜର ରୋମାଞ୍ଚଳ ଖମାରୀ, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ଅଗସ୍ତି ବେହେରା ଏବଂ ଓଏମ୍‌ସିର କର୍ମଚାରୀମାନେ ଉପସ୍ଥିତ ରହି ପ୍ରକଳ୍ପ ଉପରେ ଆଲୋଚନା କରିଥିଲେ। ଉକ୍ତ ଆଲୋଚନାରେ ଭାଗନେଇ ଛେଣ୍ଡିପଦା ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନ ଗ୍ରାମବାସୀଙ୍କ ବିନା ଅନୁମତିରେ କାମ କରାଇ ଦିଆଯିବ ନାହିଁ ବୋଲି କହିଥିଲେ। ସେହିପରି ରାଧିକାପୁର ଇଷ୍ଟ କୋଇଲା ଖଣି ନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ଉପସ୍ଥିତ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ୪/୧କୁ ବାତିଲ ସହିତ ପ୍ରଶାସନ ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହମତିରେ ପରବର୍ତ୍ତୀ ନିଷ୍ପତ୍ତି କରୁ ବୋଲି ଗ୍ରାମବାସୀ ପ୍ରକାଶ କରିଥିଲେ।

# ୨୩ରୁ ପଲ୍‌ସ ପୋଲିଓ ଟିକା

ଅନୁଗୋଳ ଅଫିସ,୧୨।୧

ଆସନ୍ତା ୨୩ ତାରିଖରୁ ଅନୁଗୋଳ ଜିଲାରେ ୩ଦିନ ଧରି ପଲ୍‌ସ ପୋଲିଓ ଟିକାକରଣ ଅଭିଯାନ ଆରମ୍ଭ ହେବ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାରୁ ଯେପରି ଜଣେ କେହି ଶିଶୁ ଏଥିରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ କର୍ମଚାରୀମାନେ ବିଶେଷ ଯତ୍ନବାନ ହେବାକୁ ମୁଖ୍ୟ ଚିକିତ୍ସାଧିକାରୀ ପରାମର୍ଶ ଦେଇଥିଲେ। ଜିଲାରେ ୫ ବର୍ଷ ବୟସରୁ କମ୍ ୧ ଲକ୍ଷ ୧୬ ହଜାର ୭୯୬ ଶିଶୁଙ୍କୁ ଟିକାକରଣ କରାଯିବ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନୱାଡିକେନ୍ଦ୍ର ଓ ବିଦ୍ୟାଳୟରେ ବୁଥ୍ ମାଧ୍ୟମରେ ଟିକାକରଣ କରାଯିବ। ସେହିପରି ୨୩ ଓ ୨୪ ତାରିଖରେ ଘରକୁ ଘର ବୁଲି ଟିକାକରଣ ମଧ୍ୟ କରାଯିବ। ବୈଠକରେ ସିନିୟର ମେଡିକାଲ ଅଫିସର ଡକ୍ଟର ସନ୍ତୋଷ କୁମାର ସାହୁ, ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

# କେନ୍ଦ୍ରମନ୍ତ୍ରୀଙ୍କୁ ବିରୋଧ ଜଣାଇଲା ବିଏମ୍‌ଏସ୍

ବଆଁରପାଳ,୧୨।୧(ଡି.ଏନ.ଏ.)

ନାଲ୍‌କୋର ଘରୋଇକରଣ ପାଇଁ କେନ୍ଦ୍ର ସରକାରଙ୍କ ଉଦ୍ୟମ ସମ୍ପର୍କିତ ଚର୍ଚ୍ଚା ଜୋର୍ ଧରିଥିବାରୁ ଏ ନେଇ ତୁରନ୍ତ ସ୍ଥିତି ସ୍ପଷ୍ଟ କରିବାକୁ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ଦାବି କରିଛି। ଗତ ମଙ୍ଗଳବାର ରାଜ୍ୟ ବିଏମ୍‌ଏସ୍ କର୍ମକର୍ତ୍ତାମାନେ ଭୁବନେଶ୍ୱରଠାରେ କେନ୍ଦ୍ର ଶ୍ରମ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲିଙ୍କୁ ସାକ୍ଷାତ୍ କରି ସେମାନଙ୍କ ବିରୋଧ ସମ୍ପର୍କରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାର ଯଦି ନାଲ୍‌କୋର ଘରୋଇକରଣ କରିବାକୁ ନିଷ୍ପତ୍ତି ନିଅନ୍ତି, ତା'ହେଲେ ବିଏମ୍‌ଏସ୍ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ସାକ୍ଷାତ୍‌ବେଳେ ଶ୍ରମମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ବିଏମ୍‌ଏସ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସାକ୍ଷାତ ସମୟରେ ବିଏମ୍‌ଏସ୍ ରାଜ୍ୟ ସାଧାରଣ ସମ୍ପାଦକ ବିନୟ କୁମାର ତ୍ରିପାଠୀ, ପିଏସିଏନ୍‌ସି ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ଗଡ଼ନାୟକ, ଅନୁଗୋଳ ଜିଲା ପ୍ରଭାରୀ ସଞ୍ଜୟ କୁମାର ଦେହୁରୀ, ଆଲୁମିନିୟମ ମଜଦୁର ସଂଘର ମୁନା ସାମଲ, ନାଲ୍‌କୋ ବିଦ୍ୟୁତ୍ ମଜଦୁର ସଂଘ ସାଧାରଣ ସମ୍ପାଦକ ମନୋଜ କୁମାର ଅମାନ୍ତ, ନାଲ୍‌କୋ କର୍ପୋରେଟ ୟୁନିୟନ ସାଧାରଣ ସମ୍ପାଦକ ବିଶ୍ୱକଲ୍ୟାଣ ମିଶ୍ର, ଶ୍ରମିକ ନେତା ନୃସିଂହ ଚରଣ ଧଳ, ନିତ୍ୟାନନ୍ଦ ମିଶ୍ର, ଟିକନ ସାହୁ, ତ୍ରିପତି ସେନାପତି, ଦାଶରଥି ବେହେରା, ଗୁଣନିଧି ଆରୁଖ, ସରୋଜ ସାହୁ, ନାଲ୍‌କୋ ଏସ୍‌ଆଣ୍ଡପି କମ୍ପ୍ଲେକ୍ସ ଅଫିସର ଆସୋସିଏଶନ ଉପସଭାପତି ବନମାଳୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ବିଏମ୍‌ଏସ୍ ରାଜ୍ୟ କର୍ମକର୍ତ୍ତାମାନେ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ୍ କରୁଛନ୍ତି।

# ଦୈନିକ ପଜିଟିଭ୍ ସଂଖ୍ୟା ଶହେ ପାର

ଅନୁଗୋଳ ଅଫିସ,୧୨।୧

ଅନୁଗୋଳ ଜିଲାରେ କରୋନା ସଂକ୍ରମଣ ନିୟନ୍ତ୍ରଣ ବାହାରକୁ ଯିବାରେ ଲାଗିଛି। ଦୀର୍ଘଦିନ ପରେ ଜିଲାରେ ଦୈନିକ ସଂକ୍ରମଣ ସଂଖ୍ୟା ଶତକ ମୁହାଁ ହୋଇଥିବାବେଳେ ବୁଧବାର ଏହା ଶହେ ପାର୍ ହୋଇଯାଇଛି। ଦିନକରେ ଚିହ୍ନଟ ହୋଇଥିବା ୧୦୭ ସଂକ୍ରମିତଙ୍କୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୮୬୯ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବରପାଳ ବ୍ଲକରୁ ୨୧ ଜଣ, ଅନୁଗୋଳ ପୌରାଞ୍ଚଳରୁ ୨୧, ତାଳଚେର ପୌରାଞ୍ଚଳରୁ ୧୯, ତାଳଚେର ବ୍ଲକ ଅଞ୍ଚଳରୁ ୧୭, ଛେଣ୍ଡିପଦା ବ୍ଲକରୁ ୧୪, କଣିହାଁ ବ୍ଲକ ଅଞ୍ଚଳରୁ ୯ ଓ ଅନୁଗୋଳ ବ୍ଲକ ଅଞ୍ଚଳରୁ ୬ ଜଣ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି।

# ୬ ମାସିଆ ଚାନ୍ଦୁଆ ତିଆରି ତାଲିମ

ଢେଙ୍କାନାଳ ଅଫିସ, ୧୨।୧

ଢେଙ୍କାନାଳ ସଦର ବ୍ଲକ ବଣସିଂହଠାରେ ଚାନ୍ଦୁଆ ତିଆରି ପ୍ରଶିକ୍ଷଣ ଶିବିର ସୋମବାରଠାରୁ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଗୋକୁଳ ବିହାରୀ ହୋତା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସିବିଆଇ ବିଚାରପତି ଭିକାରି ଚରଣ ରାଉତ ଯୋଗଦେଇ ଶିବିରାର୍ଥୀ କାରିଗରଙ୍କୁ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ପରାମର୍ଶ ଦେଇଥିଲେ। ଢେଙ୍କାନାଳର ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ରମାକାନ୍ତ ବେହେରା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଲେ, ଶିବିରରେ ଅଂଶଗ୍ରହଣ କରିଥିବା ୧୫ ମହିଳା କାରିଗରଙ୍କୁ ୬ମାସ ଧରି ତାଲିମ ଦିଆଯିବ। ପୁରୀର ନିପୁଣ ଶିଳ୍ପୀ କ୍ଷେତ୍ରମଣି ମହାନ୍ତି ତାଲିମଦାତା ଭାବେ ଯୋଗଦେଇଛନ୍ତି। ସ୍ୱେଚ୍ଛାସେବୀ ସଙ୍ଗଠନ 'ଇଡିଅଟ୍' ପକ୍ଷରୁ ଶିଶିର ଶତପଥୀ, ସଦସ୍ୟ ସଚିବ ସରୋଜ ଶତପଥୀ, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ହୋତା, ହସ୍ତଶିଳ୍ପ ବିକାଶ ଅଧିକାରୀ ମନୋରଞ୍ଜନ ଦାସ, ଇପ୍‌ସିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# କଦଳୀମୁଣ୍ଡା କଣ୍ଟେନମେଣ୍ଟ ଜୋନ୍

ବଇଣ୍ଡା,୧୨।୧(ଡି.ଏନ.ଏ.)

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତରେ କିଛି ଦିନ ହେବ କରୋନା ସଂକ୍ରମିତ ଚିହ୍ନଟ ହେଉଛନ୍ତି। ବିଶେଷକରି କଦଳୀମୁଣ୍ଡା ଗ୍ରାମରୁ ୬ ଜଣ ପଜିଟିଭ୍ ବାହାରିଥିବା ବେଳେ ଗ୍ରାମକୁ ବୁଧବାର ଦିନ ଠାରୁ କଣ୍ଟେନମେଣ୍ଟ ଜୋନ୍ ଭାବେ ବ୍ଲକ ପ୍ରଶାସନ ଘୋଷଣା କରିଛି। ଉକ୍ତ ମହାମାରୀ କିଭଳି ନ ବ୍ୟାପିବ ସେଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ବିଡିଓ ଡ. ସ୍ୱରୂପା ନନ୍ଦ ସାହୁଙ୍କ ନିର୍ଦ୍ଦେଶକ୍ରମେ ଏ ନେଇ ପ୍ରଚାର ସହ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନେ ସ୍ୱାବ ପରୀକ୍ଷା କରାଇବା ପାଇଁ ନିବେଦନ କରାଯାଇଛି। ରବିବାର ହେବାକୁ ଥିବା ବଇଣ୍ଡା ସାପ୍ତାହିକ ହାଟକୁ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି।

# କଡ଼ାକଡ଼ି ପାଳନ ହେବ ଆଚରଣ ବିଧି

ଢେଙ୍କାନାଳ ଅଫିସ, ୧୨।୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ନିର୍ବାଚନର ସୁପରିଚାଳନା ପାଇଁ ଜିଲା କାର୍ଯ୍ୟାଳୟ ଓସ୍‌ୱାନ ହଲ୍‌ରେ ବୁଧବାର ସନ୍ଧ୍ୟାରେ ଭିଡିଓ କନଫରେନ୍ସ ଜରିଆରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ଆଚରଣ ବିଧି କଡ଼ାକଡ଼ି ପାଳନ ସହ ମୁକ୍ତ ଓ ଅବାଧ ନିର୍ବାଚନ ଲାଗି ସଜାଗ ରହିବାକୁ ଜିଲାପାଳ ସରୋଜ କୁମାର ସେଠୀ ନିର୍ଦ୍ଦେଶ ଦେଇଛନ୍ତି।

ନିର୍ବାଚନ କମିଶନଙ୍କ ମାର୍ଗଦର୍ଶିକା ଅନୁଯାୟୀ ନାମାଙ୍କନପତ୍ର ଗ୍ରହଣ, ଯାଞ୍ଚ ଏବଂ ପୂର୍ଣ୍ଣାଙ୍ଗ ତାଲିକା ପ୍ରସ୍ତୁତ କରାଯିବ। ନିର୍ବାଚନ ସମ୍ପର୍କରେ କୌଣସି ଅଭିଯୋଗ ଆସିଲେ ୩ ଜଣିଆ ସ୍କ୍ୱାଡ୍ ଏହାର ତଦନ୍ତ କରି ରିପୋର୍ଟ ଦେବେ। ସମନ୍ୱୟ ରକ୍ଷା କରି ନିର୍ବାଚନ ପ୍ରକ୍ରିୟାକୁ ସୁଚାରୁରୂପେ ସମ୍ପାଦନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ନିର୍ବାଚନ କମିଶନଙ୍କ ଗାଇଡ୍ ଲାଇନ ସମ୍ପର୍କରେ ଜିଲା ପଞ୍ଚାୟତ ଅଧିକାରୀ ଚନ୍ଦ୍ରଶେଖର ମହାରଣା ବୁଝାଇଥିଲେ। ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଭୂଅର୍ଜନ ଅଧିକାରୀ ସ୍ମୃତିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଶତକ ମୁହାଁ ସଂକ୍ରମଣ

ଢେଙ୍କାନାଳ ଅଫିସ, ୧୨।୧

ଢେଙ୍କାନାଳ ଜିଲାରେ ଶତକ ମୁହାଁ ହୋଇଛି କରୋନା ସଂକ୍ରମଣ। ସୋମବାର ଏବଂ ମଙ୍ଗଳବାର ମୋଟ ୭୮ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ବୁଧବାର ଦିନକରେ ସମାନ ସଂଖ୍ୟକ ଆକ୍ରାନ୍ତ ବାହାରିଛନ୍ତି। ଓଡ଼ାପଡ଼ା ବ୍ଲକ କରୋନାର ନୂଆ ହଟ୍‌ସ୍ପଟ୍ ପାଲଟିଛି। ନୂଆ ପଜିଟିଭ୍‌ଙ୍କ ମଧ୍ୟରୁ କେବଳ ଓଡ଼ାପଡ଼ା ବ୍ଲକର ୩୮ ଥିବାବେଳେ ସେଥିରୁ ୩୭ ଜଣ ଟାଟାଷ୍ଟିଲ୍ କମ୍ପାନୀର କର୍ମଚାରୀ। ଏହାକୁ ବାଦ୍‌ଦେଲେ ଢେଙ୍କାନାଳ ପୌରାଞ୍ଚଳରୁ ୧୬, ଭୁବନ ବ୍ଲକରୁ ୨, ଏନ୍‌ଏସିରୁ ୬, ପରଜଙ୍ଗରୁ ୪, ଗନ୍ଦିଆରୁ ୪, ସଦର ବ୍ଲକରୁ ୨, ହିନ୍ଦୋଳ ବ୍ଲକରୁ ୨, କାମାକ୍ଷାନଗର ଏନ୍‌ଏସିରୁ ୨ ଏବଂ ଅନ୍ୟ ଚିକିତ୍ସାଳୟରୁ ୨ଜଣ ରହିଛନ୍ତି। ଏହାକୁ ମିଶାଇ ସକ୍ରିୟ ମାମଲା ୧୮୩ରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ୧୧୩ ୟୁନିଟ୍ ରକ୍ତ ସଂଗ୍ରହ

ଢେଙ୍କାନାଳ ଅଫିସ, ୧୨।୧

ଜାତୀୟ ଯୁବ ଦିବସ ଉପଲକ୍ଷେ ଢେଙ୍କାନାଳ ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ତରଫରୁ ସ୍ଥାନୀୟ ଶ୍ରୀରାମ ମଣ୍ଡପରେ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସିଡିଏମ୍‌ଓ ଡା. ଅଶୋକ କୁମାର ଦାଶ ମୁଖ୍ୟଅତିଥି, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୋଟ୍ ୧୧୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ରେଡ଼କ୍ରସ ଶାଖା ଉପସଭାପତି ବିରଞ୍ଚି ନାରାୟଣ ପାଣି, ରୋଟାରିଆନ ରାଜକିଶୋର ବେହେରା, ଟ୍ରଷ୍ଟ ଅଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରାଇଥିଲେ। ଜିଲା ରକ୍ତଭଣ୍ଡାର ଅଧିକାରୀ ଡା. ଜ ନାରାୟଣ ପାଢୀ, ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ବରୁଣ ସାହୁ, ତପନ ଜେନା, ଅଜୟ ସ୍ୱାଇଁ, ସୌଭାଗ୍ୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଟ୍ରଷ୍ଟି ଅମରେନ୍ଦ୍ର ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

# ଜନତା ବିନା ଜାନୁୟାରୀ ୨୬

- ପରେଡ କରିବେ ପୋଲିସ ବାହିନୀ, ପ୍ରଥମ ବାଟାଲିୟନ ଯବାନ
- ଭର୍ଚୁଆଲ ମୋଡ୍‌ରେ ହେବ ପ୍ରବନ୍ଧ, କୁଇଜ୍ ପ୍ରତିଯୋଗିତା



ବୈଠକରେ ପ୍ରଶାସନିକ ଅଧିକାରୀମାନେ।

ଢେଙ୍କାନାଳ ଅଫିସ, ୧୨।୧

ଢେଙ୍କାନାଳ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ (ଜାନୁୟାରୀ ୨୬) ବିନା ଜନତାରେ ପାଳନ ହେବ। ପରେଡ୍‌ରେ କେବଳ ପୋଲିସ ବାହିନୀ, ଓଏସ୍‌ଏପି ପ୍ରଥମ ବାଟାଲିୟନ ଏବଂ ପୋଲିସ ବ୍ୟାଣ୍ଡ ଦଳ ସାମିଲ ହେବେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ପ୍ରବନ୍ଧ, କୁଇଜ୍ ପ୍ରତିଯୋଗିତା ଭର୍ଚୁଆଲ ମୋଡ୍‌ରେ କରାଯିବ। କରୋନା ସଂକ୍ରମଣ ବୃଦ୍ଧି ପାଇଁ ଜାତୀୟ ଦିବସକୁ କାଣ୍ଟଛାଣ୍ଟରେ ନିରାଡମ୍ବରରେ ପାଳନ କରାଯିବ। ଜିଲା କାର୍ଯ୍ୟାଳୟର ସଦ୍‌ଭାବନା ଗୃହରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ସମ୍ପ୍ରତି କରୋନାର ଦ୍ରୁତ ସଂକ୍ରମଣ ଦୃଷ୍ଟିରୁ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ରାଜ୍ୟ ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି। ତେଣୁ ଜିଲାସ୍ତରୀୟ ଜନସାଧାରଣଙ୍କ ସମାଗମ ଏବଂ ଛାତ୍ରୀଛାତ୍ରଙ୍କ ଯୋଗଦାନକୁ ବାରଣ କରାଯାଇଛି। ଜାତୀୟ ଦିବସ ପାଳନ ଅବସରରେ ପ୍ରତ୍ୟୁଷରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ରରେ ରାମଧୂନ ପରିବେଷଣ କରାଯିବ। ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନରେ ସାଢ଼େ ୭ଟାରେ ସୀମିତ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଜାତୀୟ ପତାକା ଉତ୍ତୋଳନ କରାଯିବ। ୮ଟାରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ହେବ। ସାଢେ ୮ଟାରେ ସ୍ଥାନୀୟ ଷ୍ଟାଡିୟମରେ ଆୟୋଜିତ ପରେଡ୍‌ରେ ମୁଖ୍ୟ ଅତିଥି ତ୍ରିରଙ୍ଗା ପତାକା ଉତ୍ତୋଳନ କରିବା ସହିତ ପରେଡରେ ଅଭିବାଦନ ଗ୍ରହଣ କରିବେ। ଜାନୁୟାରୀ ୨୫ ଏବଂ ୨୬ରେ ସମସ୍ତ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନକୁ ସଙ୍ଗିନ ଆଲୋକମାଳାରେ ସଜ୍ଜିତ କରିବାକୁ ଜିଲାପାଳ ସରୋଜ କୁମାର ସେଠୀ ନିବେଦନ କରିଛନ୍ତି। ଦିବସ ପାଳନ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ନେଇ ଦୁଇ ପର୍ଯ୍ୟାୟରେ ପ୍ରବନ୍ଧ ଏବଂ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହେବ। ଜିଲା ଶିକ୍ଷାଧିକାରୀ ଏହାର ପରିଚାଳନା ଦାୟିତ୍ୱରେ ରହିବେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାରଦା ପ୍ରସାଦ ମହାନ୍ତି, ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଜିଲା ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଗୋଇନ୍ଦା ଡିଏସ୍‌ପି ଅରୁଣ ସାହୁ, ଏସ୍‌ଡିପିଓ ବିକାଶ ବେଉରା, ରିଜର୍ଭ ଇନ୍ସପେକ୍ଟର କବିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରି ଗାଡ଼ି ଯନ୍ତ୍ରାଂଶ ଜବତ, ୨ ଗିରଫ



**ଛେଣ୍ଡିପଦା,୧୨।୧(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା କୋଶଳା ଶିମିଳିସାହିରୁ ଗତ ୩ ତାରିଖରେ ଚୋରି ହୋଇଥିବା ବୋଲେରୋକୁ କଟକ ଜିଲା ଜଗତପୁରର ଏକ କବାଡ଼ିଆ ଦୋକାନରେ କଟାଯାଇ ବିକ୍ରି ପାଇଁ ରଖାଯାଇଥିବା ବେଳେ କିଛି ଯନ୍ତ୍ରାଂଶ ପୋଲିସ ଜବତ କରିଛି। ଏଥିସହ ଗାଡ଼ି କାଟୁଥିବା ୨ ଜଣ ଭଦ୍ରକ ଜିଲା ଧାମନଗର ଅଞ୍ଚଳର ଶଶାଙ୍କ କୁମାର ସାହୁ(୩୨) ଓ କଟକ ଜିଲା କିଶନନଗରର ପ୍ରଦୀପ୍ତ କୁମାର ମହାନ୍ତି(୩୨)ଙ୍କୁ ଗିରଫ କରାଯାଇଛି। ଉକ୍ତ କବାଡ଼ିଆଖାନାରେ ଚୋରି ଗାଡ଼ି କଟାଯାଉଥିବା ପୋଲିସକୁ ମଙ୍ଗଳବାର ଖବର ମିଳିଥିଲା। ତେଣୁ ସେଠାରେ ଚଢ଼ାଉ କରାଯାଇଥିଲା। ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଧୀରେନ କୁମାର ବେହେରା ପ୍ରକାଶ କରିଛନ୍ତି।

